# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସହିଦ ଲକ୍ଷ୍ମଣ ନାୟକଙ୍କ ପରିବାର

ବୈପାରିଗୁଡା, ୧୧।୧୨ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଗାଁ ତେନ୍ତୁଳିଗୁମ୍ମାର ଗ୍ରାମବାସୀ ଏବଂ ସହିଦଙ୍କ ପରିବାରର ସଦସ୍ୟ ଗତକାଲି ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମପୀଠ ତେନ୍ତୁଳିଗୁମ୍ମାର ଉନ୍ନତିକରଣ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଦେଶ ସ୍ୱାଧୀନତାରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ତେନ୍ତୁଳିଗୁମ୍ମା ଗ୍ରାମରୁ ସହିଦ୍ ଲକ୍ଷ୍ମଣ ନାୟକ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ବ୍ରହ୍ମପୁର କାରାଗାରରେ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦଣ୍ଡାଦେଶ ବ୍ରିଟିଶ ସରକାର ଦେଇଥିଲେ। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଆଜି ଯାଏ ସହିଦ ପରିବାରଙ୍କୁ ସରକାରଙ୍କ ତରଫରୁ କୌଣସି ସୁବିଧା ମିଳିପାରି ନାହିଁ କିମ୍ବା ତେନ୍ତୁଳିଗୁମ୍ମା ସହିଦ ମାଟିରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଯେପରି ଗମନାଗମନ, ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଏବଂ ଅନ୍ୟାନ୍ୟ ସୁବିଧା ତେନ୍ତୁଳିଗୁମ୍ମା ଗ୍ରାମର ଜନସାଧାରଣ ପାଖରେ ପହଞ୍ଚି ପାରିନାହିଁ। ଏହାଛଡ଼ା ଅନ୍ୟ ରାଜ୍ୟ ବା ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ସହିଦ୍ ପରିବାରଙ୍କ ଗାଁରେ ଉନ୍ନତିମୂଳକ କାମ ଭଳି ସହିଦ ମାଟି ତେନ୍ତୁଳିଗୁମ୍ମା ଗ୍ରାମରେ ହୋଇନାହିଁ। ସହିଦ୍ ପରିବାର ଏବଂ ଗାଁର ଉନ୍ନତି ମୂଳକ କାର୍ଯ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରିବା ସହ ସହିଦ୍ ଜନ୍ମପୀଠକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ଦାବି କରାଯାଇଛି। ଏଥିସହ ଗୁପ୍ତେଶ୍ୱର ପଞ୍ଚାୟତର ଶିରିବେଡା ଗ୍ରାମର ଅଧିବାସୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଗୁପ୍ତେଶ୍ୱର ପଞ୍ଚାୟତକୁ ବିଭାଜନ କରି ଶିରିବେଡାକୁ ନୂତନ ପଞ୍ଚାୟତ ଗଠନ କରିବା ସହ ଶୈବପୀଠ ଗୁପ୍ତେଶ୍ୱର ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ, ପର୍ଯ୍ୟାପ୍ତ ପରିମାଣର ଶୌଚାଳୟ ନିର୍ମାଣ, ଟ୍ରାଫିକ ବ୍ୟବସ୍ଥା, ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନଙ୍କୁ ମହାଦେବ ଦର୍ଶନ ନିମନ୍ତେ ରେମ୍ପ ଏବଂ ରାତିର ବ୍ୟବସ୍ଥା କରିବା ଭଳି ଦାବି ଉପସ୍ଥାପନ କରିଥିଲେ।



• ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

## ଚିକିତ୍ସା ଅଭାବରୁ ସପ୍ତମ ଶ୍ରେଣୀ ଛାତ୍ର ମୃତ

କୋଟପାଡ଼, ୧୧।୧୨ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଢ଼ାମଣାହାଣ୍ଡି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଧାଳୟରେ ସପ୍ତମ ଶ୍ରେଣୀ ଛାତ୍ର ଶ୍ରୀରାମ ଭୂମିଆ (୧୨)ଙ୍କ ସ୍କୁଲ କର୍ତ୍ତୃପକ୍ଷଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ମୃତ୍ୟୁ ଘଟି ଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଘୁମର ପଞ୍ଚାୟତ ଗୁଟିୟାଗୁଡା ଗ୍ରାମର ଶ୍ରୀରାମ ଭୂମିଆଙ୍କୁ ନଭେମ୍ବର ମାସ ୨୪ ତାରିଖ ଦିନ ଥଣ୍ଡା ଜ୍ୱର ହୋଇଥିଲା । ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ମା' ପଦମା ଭୂମିଆଙ୍କୁ ୨୫ ତାରିଖ ଦିନ ଖବର ଦେଇ ପିଲାକୁ ଘରକୁ ପଠେଇ ଦେଇ ଚୁପ ହୋଇ ଯାଇଥିଲେ । ପରେ ତାଙ୍କ ମା' ସହ ପରିବାର ଲୋକ ପ୍ରଥମେ ଜୟପୁର ପରେ କୋରାପୁଟ ଡାକ୍ତର ଖାନାକୁ ନେଇ ଚିକିତ୍ସା କଲେ । କିନ୍ତୁ ସ୍କୁଲ ପକ୍ଷ ରୁ କେହି ଯାଇ ନ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଭୂମିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏ ନେଇ ପ୍ରିନସିପାଲ ନିରଞ୍ଜନ ନିରାଲାଙ୍କୁ ଯୋଗାଯୋଗ କରିବାରୁ ସ୍କୁଲର ନର୍ସ ଚିକିତ୍ସା କଲେ ପରେ ତାଙ୍କ ଅବିଭାବକଙ୍କୁ ଖବର ଦେଇ ପଠେଇଥିଲୁ ବୋଲି କହିଛନ୍ତି । ଏହି ସ୍କୁଲର ପ୍ରିନସିପାଲଙ୍କ ନାମରେ ଦୀର୍ଘ ଦିନ ହେବ ବହୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯାନୁଷ୍ଠାନ ହେଉ ନ ଥିବାରୁ ଜନ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବଢିବାରେ ଲାଗିଛି ।

## କୃଷ୍ଣଚନ୍ଦ୍ର ଜାଲା ନିଖୋଜ

ନନ୍ଦପୁର, ୧୧।୧୨ (ସମିସ): ପାଦୁଆ ଥାନା ଅନ୍ତର୍ଗତ ଅତଣ୍ଡା ପଞ୍ଚାୟତ ଦଳେଇପୁଟ ଗ୍ରାମର ବୁଦ୍ଧୁ ଜାଲାଙ୍କ ୨୮ ବର୍ଷୀୟ ପୁଅ କୃଷ୍ଣ ଚନ୍ଦ ଜାଲା ଚଳିତ ମାସ ୫ ତାରିଖରୁ ନିଖୋଜ ଥିବା ନେଇ ପାଦୁଆ ଥାନାରେ ବୁଦ୍ଧୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ପ୍ରକାରେ ତାଙ୍କ ପୁଅ ଗତ ୫ ତାରିଖ ଶୁକ୍ରବାର ଦିନ ସକାଳ ୭ ଟା ସମୟରେ ହାଟଗୁଡ଼ା ଯିବାକୁ ଘରୁ ବାହାରି ଆଜି ସୁଦ୍ଧା ଆଉ ଘରକୁ ଫେରି ନାହାନ୍ତି। ତାଙ୍କ ପରିବାର ଓ ଆତ୍ମୀୟ ସ୍ୱଜନ ସବୁଆଡେ ଖୋଜି ନିରାଶ ହେବା ପରେ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



# ପାରମ୍ପରିକ ଖାଦ୍ୟ ଓ ଝୋଟି ପ୍ରତିଯୋଗିତା

ନବରଙ୍ଗପୁର, ୧୧।୧୨ (ସମିସ): ନବରଙ୍ଗପୁର ଜିଲ୍ଲାର ଲୋକ ଉତ୍ସବ ମଣ୍ଡେଇ ୨୦୨୫ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ସହ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍, ନବରଙ୍ଗପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଜିଲ୍ଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସହ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ କର୍ମକର୍ତା ବୃନ୍ଦ ଉପସ୍ଥିତ ରହି ପ୍ରତିଯୋଗୀତାରେ ଅଂଶ ନେଇଥିବା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ପାରମ୍ପାରିକ ଖାଦ୍ୟ କାର୍ଯକ୍ରମରେ ସ୍ୱୟଂ ସହାୟକ ଦଳ ଓ ବ୍ୟକ୍ତିଗତ ଭାବେ ୧୨ ଜଣ ପ୍ରତିଯୋଗୀ ଓ ଝୋଟି ପ୍ରତିଯୋଗୀତାରେ ୨୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଝୋଟି ପ୍ରତିଯୋଗୀତାରେ ପୁରୁଷ ପ୍ରତିଯୋଗୀ ମାନେ ମଧ୍ୟ ଅଂଶଗ୍ରହଣ କରି ସମସ୍ତଙ୍କୁ ଚକିତ କରିଥିଲେ।। ପାରମ୍ପରିକ ଖାଦ୍ୟ ମଧରେ ମାଣ୍ଡିଆ, ସୁଆଁ ଓ କାଙ୍ଗୁରୁ ତିଆରି ଖାଦ୍ୟ ସହ ବିଭିନ ପିଠା ପଣା, ଆମଟ, ମାଣ୍ଡିଆ ଲସି ଇତ୍ୟାଦି ସୁସ୍ୱାଦକର ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଝୋଟି ଏବଂ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବିଚାରକ ଭାବରେ କୁମାରୀ ନିବେଦିତା ବିଶ୍ୱାଳ, ଶ୍ରୀମତି ମମତା ପରିଛା, କୁନିମଣି ସ୍ୱାଇଁ, କୁମାରୀ ଗୀତାଞ୍ଜଳି ବେହେରା, ଭାରତ ଚନ୍ଦ୍ର ସାହୁ, ଅରୁଣ କୁମାର ମହାରଣା ଯୋଗ ଦେଇଥିଲେ। ପ୍ରତିଯୋଗୀତା ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗୀତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଣ୍ଡେଇ ପଡିଆରେ ସମ୍ମାନିତ କରାଯିବ ବୋଲି ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଥିଲେ।



• ଉପ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ବିଧାୟକଙ୍କୁ ଡାକିଲେନି

## କ୍ଷୋଭପ୍ରକାଶ କଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ




ମାଲକାନଗିରି, ୧୧।୧୨ (ସମିସ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏମଭି ୨୬ ଓ ରାଖାଲଗୁଡା ଗ୍ରାମ ଘଟଣାକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଶାନ୍ତି କମିଟି ସମୀକ୍ଷା ବୈଠକକୁ ଡକାଯାଇ ନଥିବାରୁ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭପ୍ରକାଶ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଜିଲ୍ଲା କଂଗ୍ରେସ କମିଟି । ଆଜି ଜିଲ୍ଲା କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରି ବିଧାୟକ ଶ୍ରୀ ଖିଲ ପ୍ରକାଶ କରିଛନ୍ତି ଯେ, ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକସ୍ଥ ଏମଭି ୨୬ ଗ୍ରାମରେ ଉତ୍ତେଜନା ସଂପର୍କ ରେ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ପହଁଚି ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟ ରେ ଶାନ୍ତି ପ୍ରତିଷ୍ଠା ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ଏହା ଅତ୍ୟନ୍ତ ସ୍ୱାଗତ କର ପଦକ୍ଷେପ । ଦୁଃଖର ବିଷୟ ହେଉଛି, ଘଟଣାଟି ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ଘଟିଥିଲେ ମଧ୍ୟ ଚିତ୍ରକୋଣ୍ଡା ବିଧାୟକଙ୍କୁ ଉକ୍ତ ବୈଠକ କୁ ଡକା ଯାଇନଥିଲା । ଏସମ୍ପର୍କରେ ବିଧାୟକ ମଙ୍ଗୁଖିଲ କ୍ଷୋଭ ପ୍ରକାଶ କରି ଜିଲ୍ଲା ପ୍ରଶାନକୁ ସମାଲୋଚନା କରିବା ସହ ଘଟଣା ପାଇଁ ଜିଲ୍ଲା ପ୍ରଶାସନକୁ ଦାୟୀ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ବିନାୟକ ପାତ୍ର, ପଦ୍ମ ପାଙ୍ଗି, ଇର୍ମା ପଡିଆମୀ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂଯୋଗ ଯୋଡ଼ିଲା ବିଭାଗ

ଉମରକୋଟ, ୧୧।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମର ଲୋକେ ଦୀର୍ଘ ୪୮ ଘଣ୍ଟା ଅନ୍ଧାରରେ ରହିବା ପରେ ଆଜି ଏହାକୁ ନେଇ 'ସକାଳ'ରେ ଖବର ପ୍ରକାଶନ ହୋଇଥିଲା । ଆଜି ମଧ୍ୟାହ୍ନରେ ଆଜି ବିଦ୍ୟୁତ୍ ବିଭାଗ ଉକ୍ତ ଗ୍ରାମକୁ ଯାଇ ବିଦ୍ୟୁତ୍ ସଂଯୋଗ କରିଛି । ବିଦ୍ୟୁତ୍ କଟି ଯାଇଥିବାରୁ ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଯିବା ସହ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ପିଲା ମାନଙ୍କ ପାଠପଢାରେ ମଧ୍ୟ ଅସୁବିଧା ଦେଖା ଯାଇଥିଲା । ରାଜପୁର ଗ୍ରାମବାସୀଙ୍କୁ ପୂର୍ବରୁ କୌଣସି ସୂଚନା ନ ପ୍ରଦାନ କରି ଗ୍ରାମବାସୀ ଦୀର୍ଘ ୧୦ ବର୍ଷ ହେଲା ବିଦ୍ୟୁତ୍ ବିଲ ପୈଠ କରୁ ନଥିବା ଅଭିଯୋଗ କରି ବିଦ୍ୟୁତ୍ ବିଭାଗ ଏହି ଗ୍ରାମର ବିଦ୍ୟୁତ୍ ସଂଯୋଗକୁ କାଟି ଦେଇଥିଲା । ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ୍ ସଂଯୋଗକୁ କାଟି ଦେବା ଭୁଲ ନିଷ୍ପତି ହେଇଥିଲା ବୋଲି ବିଦ୍ୟୁତ୍ ବିଭାଗର କର୍ମଚାରୀ ଗ୍ରାମବାସୀଙ୍କ ସମ୍ମୁଖରେ ସ୍ୱୀକାର କରିଥିଲେ । "ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଏବଂ ବକେୟା ବିଦ୍ୟୁତ ବିଲର ୧୦ ପ୍ରତିଶତ ୨୨ ତାରିଖ ସୁଦ୍ଧା ପୈଠ କରିବୁ ବୋଲି ଲିଖିତ ଭାବେ ଉମରକୋଟ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ବିଦ୍ୟୁତ୍ ସଂଯୋଗ କରିଥିଲେ ।



'ସକାଳ' ପ୍ରଭାବ

## ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷାମୂଳକ ପରିଭ୍ରମଣ

ରାୟଗଡ଼ା, ୧୧।୧୨ (ସମିସ):

ରାୟଗଡ଼ା ପୌରପାଳିକା ପକ୍ଷରୁ ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶିକ୍ଷାମୂଳକ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଅଣ୍ଟାରୀଗୁଡା ସ୍ଥିତ (ସମ୍ପଦ କେନ୍ଦ୍ର) ଏବଂ ଏଫଏସଟିପି (ମଳ ପଙ୍କ ବିଶୋଧନାଗାର) ପରିଦର୍ଶନ କରିଥିଲେ । ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ ସହରର କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ବାସ୍ତବ ଜ୍ଞାନ ପ୍ରଦାନ କରିବା । ଅଣ୍ଟାରିଗୁଡ଼ା ସ୍ଥିତ ଏହି ପ୍ରକଳ୍ପଗୁଡିକରେ କିପରି ବୈଜ୍ଞାନିକ ପଦ୍ଧତିରେ ଆବର୍ଜନାକୁ ସମ୍ପଦରେ ପରିଣତ କରାଯାଉଛି ଏବଂ ପରିବେଶକୁ ସୁରକ୍ଷିତ ରଖାଯାଉଛି । ସେ ବିଷୟରେ ପିଲାମାନେ ଅବଗତ ହୋଇଥିଲେ । ଏହି ଅବସରରେ ରାୟଗଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କନିଷ୍ଠ ପରିମଳ ବିଶେଷଜ୍ଞ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସେମାନେ ପିଲାମାନଙ୍କୁ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ବିଶୋଧନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ । ପରିଦର୍ଶନ ଶେଷରେ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ । ଏଭଳି ଏକ ବ୍ୟାବହାରିକ ଜ୍ଞାନ ଆହରଣ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନେ ବେଶ୍ ଉତ୍ସାହିତ ହୋଇଥିଲେ ।




## ଶବର ଭାଷା ପ୍ରତିଷ୍ଠାତାଙ୍କ ପୁତ୍ର ବିୟୋଗ

ପଦ୍ମପୁର, ୧୧।୧୨ (ସମିସ): ଶବର ସମାଜର ଭାଷା ପ୍ରତିଷ୍ଠାତା ତଥା ଶବର ଅକ୍ଷର ମାଳାର ନିର୍ମାତା ଶବର ପଣ୍ଡିତ ସ୍ୱର୍ଗତ ମାଙ୍ଗେଇ ଗମାଙ୍ଗଙ୍କ ପୁତ୍ର ଦିଗାଂଶ୍ମି ଗମାଙ୍ଗଙ୍କ ଗତ ସନ୍ଧ୍ୟାରେ ତାଙ୍କ ମରିଚଗୁଡା ସ୍ଥିତ ବାସଭବନରେ ପରଲୋକ ଘଟିଯାଇଛି । ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଶହଶହ ଶବର, ବିଭିନ୍ନ ଅନୁଷ୍ଠାନ, ଲୋକପ୍ରତିନିଧି, ତାଙ୍କ ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ପଦ୍ମପୁର ସ୍ଥିତ ମରିଚ ଗୁଡା ଶବର ପଲ୍ଲୀରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବହୁ ଶବର ସଂଗଠନର ବ୍ୟକ୍ତି ଯୋଗଦାନ କରିଛନ୍ତି । ତାଙ୍କ ବିୟୋଗରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, କୋରାପୁଟ ସାଂସଦ ସପ୍ତଗୀରି ଉଲ୍ଲକା, ରାମପ୍ରସାଦ ଗମାଙ୍ଗ, ପଦ୍ମପୁର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ, ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ଶବର ବିଜ୍ଞାନ କେନ୍ଦ୍ର ମରିଚଗୁଡାର ରାମ ପ୍ରସାଦ ଗମାଙ୍ଗ, ଟିସି ୟଙ୍ଗପ୍ଲାଇ ଗମାଙ୍ଗ ଏବଂ ଗୁଣପୁର, ରାୟଗଡ଼ା, ତଥା ପଦ୍ମପୁର ଦଳଗତ ନିର୍ବିଶେଷରେ ବହୁଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଶୋକ ପ୍ରକାଶ କରିଛନ୍ତି। ମରିଚଗୁଡା ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

• ଶବର ସମାଜରେ ଶୋକ



# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

କୋରାପୁଟ, ୧୧।୧୨ (ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୋଟିଆ ପଞ୍ଚାୟତର ବିଭାଗ ଓାରୀ ସମୀକ୍ଷା କରାଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କୋଟିଆରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମନରେଗା, କୃଷି, ଉଦ୍ୟାନକୃଷି, ଜଳ ବିଭାଜିକା, କଫି, ସର୍ବଶିକ୍ଷା ଅଭିଯାନ, ରାସନ, ସ୍ୱାସ୍ଥ୍ୟ ଓ ପଶୁ ସମ୍ପଦ, ରାସ୍ତା ଓ ପିଇବା ପାଣି ଭଳି କାର୍ଯ୍ୟ ଗୁଡିକର ଅଗ୍ରଗତି ସହ କଣ ଅସୁବିଧା ରହିଛି ତାହା ପଚାରି ବୁଝିଥିଲେ । କିଛି ଦିନ ଧରି ସୀମାନ୍ତ ଗ୍ରାମ ଗୁଡିକରେ ଆନ୍ଧ୍ର ଏଜେଣ୍ଟ ଙ୍କ ଅନୁପ୍ରବେଶ ସହ ଦୌରାତ୍ମ୍ୟ ବୃଦ୍ଧି ପାଇଛି, ଏପରିକି ହରମାଣ୍ଡାଙ୍ଗି ଛକରେ ଲାଗିଥିବା ଓଡିଶା ଫଳକକୁ ମଧ୍ୟ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି । କିପରି ଅନୁପ୍ରବେଶକୁ ରୋକା ଯାଇପାରିବ । ଓଡିଶା ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ କିପରି ଲୋକଙ୍କ ପାଖରେ ପହଞ୍ଚାଇ ପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ମହାଜନ ପଟ୍ଟାଙ୍ଗୀ ତହସିଲଦାର, ବିଡିଓ ଓ ପୁଲିସ ମାନଙ୍କ ସହ ଆଲୋଚନା କରିଥିଲେ । ସ୍ଥାନୀୟ ଯୁବକଙ୍କୁ ମନରେଗାରେ ଅଧିକରୁ ଅଧିକ କାମ ଯୋଗାଇବା ସହ ଆଗାମୀ ମାଣ୍ଡିଆ ମଣ୍ଡି ପାଇଁ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଚାଲୁ ରହିଥିବା ନିର୍ମାଣାଧିକ କାର୍ଯ୍ୟ ଗୁଡିକର ଅଗ୍ରଗତି ସମ୍ପର୍କରେ ବୁଝିବା ସହ ତୁରନ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କୋଟିଆର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସ୍ନେହପ୍ରଭା ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପଟ୍ଟାଙ୍ଗୀ ତହସିଲଦାର ଦେବେନ୍ଦ୍ର ବାହାଦୁର ଧାରୁଆ ଏବଂ ବିଡିଓ ରାମକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ଜାଡ଼ରେ ଥରୁଛି ସେମିଳିଗୁଡା

ସେମିଳିଗୁଡା, ୧୧।୧୨ (ସମିସ): ଗତ ଦୁଇ, ତିନି ଦିନରୁ କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ପ୍ରବଳ ଶୀତ ଅନୁଭୂତି ହେଉଛି । ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ସନ୍ଧ୍ୟା ହେବା ପରେ ରାସ୍ତା ଘାଟ ଶୂନଶାନ୍ ହୋଇ ଯାଉଥିବା ବେଳେ ସକାଳ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି । ଗତ କିଛି ଦିନରୁ ସେମିଳିଗୁଡା ଅଞ୍ଚଳରେ ପାରଦ ୫/୬ ତଳକୁ ଖସି ଆସିଥିବାରୁ ଏହାର ପ୍ରଭାବ ଜନଜୀବନ ଉପରେ ପଡ଼ିଛି । ଶୀତ ସହିତ ପ୍ରବଳ କୁହୁଡି ଯୋଗୁଁ ରାସ୍ତାରେ ଯାନବାହାନ ଚଳାଚଳ କରିବା କଷ୍ଟକର ହେଉଛି । ସକାଳ ୧୧ ଯାଇ କୁହୁଡିର ତୀବ୍ର ପ୍ରଭାବ ଥିବାରୁ ରାସ୍ତାରେ ପୁରା ଅନ୍ଧାର ମାଡି ଆସୁଛି । ଏପରି ଶୀତ କେବେ ନଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେମିଳିଗୁଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ୍ୟ ଥଣ୍ଡା ପବନ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି । ଦିନକୁ ଦିନ ତାପମାତ୍ରା ହ୍ରାସ ପାଉଛି । ଥଣ୍ଡା ବଢିବା ସହିତ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳରେ ତୁଷାରପାତ ହେଉଥିବା ଖବର ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି । ଆଜି କୋରାପୁଟ ଜିଲ୍ଲା ଦାମନଯୋଡି ଅଞ୍ଚଳରେ ତାପମାତ୍ରା ୨.୯ ରହିଥିବା ଦେଖିବାକୁ ମିଳିଛି ।



# ଡକାୟତି ଉଦ୍ୟମ ପଣ୍ଡ; ୬ ଗିରଫ

ଉମରକୋଟ, ୧୧।୧୨ (ସମିସ): ନବରଙ୍ଗପୁର ଜିଲା ଉମରକୋଟ ପୁଲିସକୁ ମିଳିଛି ବଡ଼ ସଫଳତା। ଡକାୟତ ପଣ୍ଡ ଘଟଣାକୁ ନେଇ ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଏସଡିପିଓ ଶୁଭେନ୍ଦୁ ଶବର, ଏସଡିପିଓ ପାପଡାହାଣ୍ଡି, ଥାନା ଅଧିକାରୀ ରମାକାନ୍ତ ସାଏ, ଶିବଜି ପଣ୍ଡା, ଏସଆଇ ଅକ୍ଷୟ ମିଶ୍ର ଉପସ୍ଥିତ ଥିଲେ। ଉମରକୋଟ ପୌରାଞ୍ଚଳ ଡିଏନକେ ଠାରେ ବସବାସ କରୁଥିବା ସୁପରକ୍ଲାସ୍ ଠିକାଦାରଙ୍କ ଘରେ ଡକାୟତ କରିବା ପାଇଁ ୮ ଜଣ ଡକାୟତ ବୁଧବାର ଦିନ ରାତି ପ୍ରାୟ ସାଢେ ୧୦ଟା ବେଳେ ଉମରକୋଟ - ଝରିଗାଁ ରାସ୍ତା ପାଶ୍ୱର୍ରେ ଥିବା ବଡ଼ବାସିନୀ ଗ୍ରାମ ଠାରେ ଏକ ବଣ ବୁଦା ଘେର ଭିତରେ ରହିଥିବା ଏକ ପରିତ୍ୟକ୍ତ ଘରେ ଏକତ୍ରିତ ହୋଇ ଯୋଜନା କରୁଥିଲେ। ପୋଲିସ ପକ୍ଷରୁ ଏକ ଟିମ ଚଢ଼ଉ କରି ସମସ୍ତ ମାରଣାସ୍ତ୍ର ସହ ୬ ଜଣ ଡକାୟତଙ୍କୁ ଗିରଫ କରିଥିବା ବେଳେ ଦୁଇଜଣ ଡକାୟତ ଫେରାର ହୋଇଯାଇଛନ୍ତି । ଗିରଫ ହୋଇଥିବା ୬ ଡକାୟତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗିରଫ ଡକାୟତ ମାନେ ନବରଙ୍ଗପୁର ଜିଲାର । ସେମାନେ ହେଲେ କୋଡ଼ିଙ୍ଗା ଥାନା ଚାଚରାଗୁଡା ଓ ଖୁଟୁବାଇ ଗ୍ରାମର ଦୟାନିଧି ଗଣ୍ଡ, ମଳୟ ଟାକରି, ହସିଲୋ ଗରଡ଼ା, ଡାବୁଗାଁ ଥାନା ଏକମ୍ବା (ଏ) ଗ୍ରାମର ଡମ୍ବରୁ ଭତ୍ରା, ଝରୀଗାଁ ଥାନା ତାରକୋନାଡୀ ଗ୍ରାମର କମଳଲୋଚନ ଗୌଡ଼ ଯିଏକି ଉମରକୋଟ ଥାନା ଅଧୀନ ସାନଭରଣ୍ଡି ଗ୍ରାମ ଏବଂ ଉମରକୋଟ ଥାନା ସାନବାସନି ଗ୍ରାମର ରବିସିଂ ହରିଜନ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଫେରାର ହୋଇଥିବା ଡକାୟତ ମାନେ ହେଲେ ପାପଡାହାଣ୍ଡି ଥାନା ଅଧୀନ ଶିଲକଗୁଡା ଗ୍ରାମର କ୍ଷୀରସିନ୍ଧୁ ବିନ୍ଧାଣି ଓ ସୁଶାନ୍ତ ବିନ୍ଧାଣି। ଫେରାର ଦୁଇ ଡକାୟତଙ୍କୁ ଶୀଘ୍ର ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଡକାୟତଙ୍କ ଠାରୁ ଗୋଟିଏ ପିସ୍ତଲ, ଖଣ୍ଡା ୩ଟି, ଛୁରୀ, ଲଙ୍କା ଗୁଣ୍ଡ ପକେଟ, ନଗଦ ୨୨୬୦ ଟଙ୍କା, ଦୁଇ ଗୋଟି ବାଇକ ଓ ଛଅ ଗୋଟି ମୋବାଇଲ ସହ ୬ ଟି ମଦ ବୋତଲ ଜବତ ହୋଇଛି। ପାପଡାହାଣ୍ଡି ବ୍ଲକର କ୍ଷୀରସିନ୍ଧୁ ବିନ୍ଧାଣି ପଳାତକ ହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ଡକାୟତି ପାଇଁ ଯୋଜନା କରାଯାଉଥିଲା। ଉକ୍ତ ଠିକାଦାରଙ୍କ ଘରେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ରବିସିଂ ହରିଜନ ହିଁ ଠିକାଦାରଙ୍କ ଭିତିରିଆ ସମସ୍ତ ତଥ୍ୟ ଓ ଘରର ଫୋଟୋ ଅନ୍ୟ ଡ଼କାୟତଙ୍କୁ ଯୋଗାଇ ଦେଇଥିବା କଥା ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଜଣାପଡ଼ିଛି।




## ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ମୃତ

ବୈପାରିଗୁଡା, ୧୧।୧୨ (ସମିସ): ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ବିଏସ୍ଏଫ କ୍ୟାମ୍ପ୍ ନିକଟରେ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଗତକାଲି ଏହି ଦୁର୍ଘଟଣା ଘଟିଥିବା ବେଳେ ଆଜି ଅପରାହ୍ନ ୩ଟା ସମୟରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ଭେଜନିଗୁଡା ଗ୍ରାମର ଭୀମ ସଗରିଆ (୨୭)। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ମେଣ୍ଡକୁଲି ଗ୍ରାମରୁ (ଓଡି ୩୩ ଡବ୍ଲୁ ୮୩୨୭) ନମ୍ବର ଏକ ପିକ୍‌ଅପ୍ ଭ୍ୟାନ୍ ତେନ୍ତୁଳିଗୁମ୍ମା ପଟେ ଆସୁଥିବା ବେଳେ ବିଏସଏଫ କ୍ୟାମ୍ପ ନିକଟରେ ଭୀମଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାଇକ୍ ଚାଳକ ଭୀମ ସଗରିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣାର ଖବର ପାଇ ରାମଗିରି ଫାଣ୍ଡି ଏଏସଆଇ ବିଷ୍ଣୁ ମାଡକାମି ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଏବଂ ମୃତଦେହ ଜବତ କରିବା ସହ ଆଜି ଶବବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।


## WALK-IN INTERVIEW

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

# ବିଦ୍ୟାଳୟ ପାଣି ଟାଙ୍କିରେ ବିଷ !

## ଅଳ୍ପକେ ବର୍ତ୍ତିଲେ ଶତାଧିକ ଛାତ୍ରଛାତ୍ରୀ

ମାଥିଲି,୧୧।୧୨(ସମିସ), ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତି ଗୁଡା ପଞ୍ଚାୟତ ଅନ୍ତର୍ଗତ ସିନ୍ଧାବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଣି ଟାଙ୍କିରେ କେହି ବିଷ ମିଶାଇ ଦେଇଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀମାନେ ପାଣି ପିଇବା ପୂର୍ବରୁ ଏହି ଘଟଣା ପ୍ରଘଟ ହେବାରୁ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି।

ଆଜି ବିଦ୍ୟାଳୟ ଖୋଲିବା ପରେ ଛାତ୍ରଛାତ୍ରୀ ମାନେ ପାଠ ପଢୁଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ମଧ୍ୟାନଭୋଜନ ପାଇଁ ରୋଷେୟା ମାନେ ଯେତେବେଳେ ପାଣି ଆଣିବା ପାଇଁ ପାଣି ଟ୍ୟାପ୍ ଖୋଲିଥିଲେ ସେଥିରୁ ପାଣି ସାବୁନ ଫେଣ ପରି ବାହାରିଲା। ରୋଷେୟା ମାନଙ୍କର ସନ୍ଦେହ ହେବାରୁ ସଙ୍ଗେ ସଙ୍ଗେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି ପାଣିରେ ରୋଷେଇ କରିବା ପାଇଁ ମନା କରିବା ସହିତ ସେହି ପାଣିକୁ ସଂଗ୍ରହ କରି ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମାଥିଲି ଥାନା ଅଧିକାରୀଣି ଦୀପାଞ୍ଜଳି ପ୍ରଧାନ ଅଭିଯୋଗ ପାଇବା ପରେ ସଙ୍ଗେ ସଙ୍ଗେ ମାଥିଲି ଥାନା ସବ୍ ଇନ୍ସପେକ୍ଟର ମନରଞ୍ଜ ପ୍ରଧାନଙ୍କୁ ଘଟଣା ସ୍ଥଳକୁ ପଠାଇ ଥିଲେ। ତଦନ୍ତକାରୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅନୁଧ୍ୟାନ କରିବା ପରେ ମାଥିଲି ଥାନା କେଶ ନମ୍ବର ୨୫୮ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛନ୍ତି ବୋଲି ତଦନ୍ତ କାରୀ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବିଷୟରେ ସିନ୍ଧାବେଡା ଗ୍ରାମର ଲୋକ ମାନଙ୍କୁ ପଚାରିବାରୁ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ କୁମାର ରାଇ ସିଂହ ବିଦ୍ୟାଳୟକୁ ଆସୁ ନଥିବା, ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଯେ ରାୟ ସିଂହ ସାର ଯେହେତୁ ଉତ୍କଳ ଶିକ୍ଷକ ସଂଘର ମାଥିଲି ବ୍ଲକ ସମ୍ପାଦକ ଅଛନ୍ତି ସେଥିପାଇଁ ପ୍ରଶାସନିକ ଅଧିକାରୀ ମାନଙ୍କୁ ଶିକ୍ଷକ ସଂଘର ଧମକ ଦେଇ ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ବାରମ୍ବାର ଅଭିଯୋଗ ଆସୁଥିଲା। ସଞ୍ଜୟ କୁମାର ରାୟ ସିଂହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ବସି ଅନୁଧ୍ୟାନ କରୁଛନ୍ତି। ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଇ ଶିକ୍ଷା ବିଭାଗର କର୍ମଚାରୀ ଓ ଶିକ୍ଷା ସଂଗଠନର କର୍ମକର୍ତ୍ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# 'ରାୟଗଡ଼ା ଓ ପିପଲଗୁଡାରେ ନୂଆ ଥାନା ପ୍ରସ୍ତାବ ନାହିଁ'



ରାୟଗଡ଼ା,୧୦।୧୨(ସମିସ): ରାୟଗଡ଼ାସହରରେ ଅତିରିକ୍ତ ଦୁଇଟି ଏବଂ ପିପଲଗୁଡାରେ ଗୋଟିଏ ନୂତନ ଥାନା ସ୍ଥାପନା ପାଇଁ ଚଳିତ ମାସ ୮ ତାରିଖରେ ବିଧାନସଭାର ଶୀତ ଅଧିବେସନର ଅଣତାରକା ପ୍ରଶ୍ନ ୨୫୬୨ ରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଶ୍ନ କରିଥିଲେ । ରାୟଗଡ଼ା । ସହରରେ ଜନସଂଖ୍ୟା ବୃଦ୍ଧି ପାଇ ପ୍ରାୟ ୨ଲକ୍ଷରୁ ଅଧିକ ହେଲାଣି । କିନ୍ତୁ ସୁରକ୍ଷା ବ୍ୟବସ୍ଥା ନିମନ୍ତେ କେବଳ ଗୋଟିଏ ଥାନା ରହିଛି । ରାୟଗଡ଼ା ସହରର କିଛି ଅଞ୍ଚଳ ୧୦କିମି ଦୂର ଜେକେପୁର ସ୍ଥିତ ଚାନ୍ଦିଲି ଥାନା ଅଧିନରେ ରହିଥିବା ବେଳେ ରାୟଗଡ଼ା ଉପକଣ୍ଠ ବାଇସିଂ ଭଳି ୬ରୁ ଉର୍ଦ୍ଧ ଗ୍ରାମପଞ୍ଚାୟତ ଦୀର୍ଘ ୩୦କିମି ଦୂର ଶେଷଖାଲ ଥାନା ଅଧୀନରେ ଆସୁଛି । ଫଳରେ ସହର ମଧ୍ୟରେ ଦିନକୁ ଦିନ ଚୋରି, ଡକାୟତି, ଛିନତାଇ ଭଳି ଅପରାଧିକ ମାମଲା ବାରମ୍ବାର ବୃଦ୍ଧି ପାଇବାରେ ଲାଗିଛି । ଗତ ୫ ବର୍ଷ ମଧ୍ୟରେ ଯେତିକି ଚୋରି ହୋଇଛି, ସେ ଚୋରି ସାମଗ୍ରୀଗୁଡିକ ସଂପୂର୍ଣ୍ଣ ଉଦ୍ଧାର ହୋଇ ପାରିନାହିଁ । ଏଭଳି ସମସ୍ୟା ଯୋଗୁଁ ରାୟଗଡ଼ା ଜନସଂଖ୍ୟା ଅନୁପାତରେ ରାଣୀଗୁଡା ଫାର୍ମ ଅଞ୍ଚଳରେ ଗୋଟିଏ ଆଦର୍ଶ ଥାନା, ସାଇପ୍ରିୟା ନଗର ଅଞ୍ଚଳରେ ଏକ ନୂତନ ଥାନା ସ୍ଥାପନା ଏବଂ ପିପଲଗୁଡା ଅଞ୍ଚଳରେ ଗୋଟିଏ ଥାନାର ଅତି ଆବଶ୍ୟକ ରହିଥିବା ବେଳେ କାଶିପୁର ବ୍ଲକରେ ଉତ୍କଳ ଆଲୁମିନା କାରଖାନାକୁ ସୁରକ୍ଷା ଦେବା ପାଇଁ ଦୁଇଟି ଥାନା ରହିଥିବା ବେଳେ କେବଳ କାଶିପୁର ବ୍ଲକରେ ହିଁ ୪ଟି ଥାନା ଓ ଗୋଟିଏ ଫାଣ୍ଡି ସ୍ଥାପନା କରାଯାଇଛି । କିନ୍ତୁ ରାୟଗଡ଼ା ଜିଲ୍ଲା ମୁଖ୍ୟାଳୟକୁ କାହିଁକି ଅଣଦେଖା କରାଯାଇଛି ଏବଂ ରାୟଗଡ଼ା, ପିପଲଗୁଡା ଅଞ୍ଚଳରେ ନୂତନ ଥାନା ସ୍ଥାପନା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନ ରଖିଥିଲେ ।

### ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନ

ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଓ ପିପଲଗୁଡା ଅଞ୍ଚଳରେ ନୂତନ ଥାନା, ଆଦର୍ଶ ଥାନା ସ୍ଥାପନା ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ ବୋଲି ଉତ୍ତର ଦେଇଛନ୍ତି।

## କାୟାକଳ୍ପ ଦଳର ଜିଲ୍ଲା ଚିକିତ୍ସାଳୟର ମୂଲ୍ୟାଙ୍କନ

ଜୟପୁର,୧୧।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଆଜି ମଧ୍ୟାହ୍ନରୁ ସଂଧ୍ୟା ୭ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲା ଚିକିତ୍ସାଳୟର ନିଯୁକ୍ତ ଡାକ୍ତର ମାନଙ୍କୁ ନେଇ ଗଠିତ କାୟାକଳ୍ପ ଦଳର ୩ଜଣ ଡାକ୍ତର ମୂଲ୍ୟାଙ୍କନ କରିଥିଲେ। ଦଳରେ ଡା. ସୌଭାଗ୍ୟ ରଣସିଂହ, ଡା ବିଶ୍ୱଜିତ ପୃଷ୍ଟି , ଚିକିତ୍ସାଳୟ ମ୍ୟାନେଜର ସଚିନ କୁମାର ଗୌଡ ଉପସ୍ଥିତ ରହି ଜିଲ୍ଲା ଚିକିତ୍ସାଳୟର ସଫେଇ, ବାୟ ମେଡିକାଲ ବର୍ଜ୍ୟବସ୍ତ ପରିଚାଳନା, କର୍ମଚାରୀଙ୍କ ବୈଷୟିକ ଜ୍ଞାନ, ପରମଳ ଓ ସ୍ୱଚ୍ଛତା, ସବୁଜ ପରିବେଶକୁ ନେଇ ତର୍ଜମା କରିଥିଲେ। ଏହି ଦଳର ମୂଲ୍ୟାଙ୍କନ ଅନୁଯାୟୀ ଜିଲ୍ଲା ଚିକିତ୍ସାଳୟର ଉନ୍ନତୀକରଣ ପାଇଁ ପାଣ୍ଠି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ଏଥିରେ ଜିଲ୍ଲା ଚିକିତ୍ସାଳୟର ଅଧିକାରୀ ଡା. ଅକ୍ଷୟ ରଥ, ଡା. ବାଲି ଜୟାବାବୁ, ଡା. ସସ୍ମିତା ଦାସ, ଡା, ଅରବିନ୍ଦ ନେପାକ, ଡା. ଦୁର୍ଗା ପ୍ରସାଦ ପାତ୍ର, ଡା ସଲାମ, ଡା ସୁନୀଲ ପଣ୍ଡା, ଡା. ଗୌତମ ତ୍ରିପାଠୀ, ଡା ଶତାବ୍ଦୀ ମିଶ୍ର, ଡା. ରିତ୍ୱିକ ପାଢୀ, ଡା. ସଲାମ. ଡା. ସୁଶ୍ରି ଏବଂ ଚିକିତ୍ସାଳୟ ମ୍ୟାନେଜର ରୂପସୀ ମଧୁମିତା ନାୟକ, ତଥାଗତ ଦାସ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପେସ୍ଥିତ ଥିଲେ।

## ଶୁକ୍ରବାରରୁ ଜମାରାଶି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା,୧୧।୧୨(ସମିସ):** ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟ, ରାୟଗଡା ଆନୁକୂଲ୍ୟରେ ଡିସେମ୍ବର ୧୨ ତାରିଖ ଶୁକ୍ରବାର ସ୍ଥାନୀୟ ମ୍ୟୁନିସିପାଲଟି ଟାଉନ ହଲ୍ ଠାରେ ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହେବ ଶିବିର ରେ ଦାବି ହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ପ୍ରଦାନ କରାଯିବ । ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତ କୁ ସଫଳ କରିବା ପାଇଁ ରାୟଗଡା ଜିଲ୍ଲାର ସମସ୍ତ ବ୍ୟାଙ୍କ, ଜୀବନ ବୀମା ସଂସ୍ଥା ମିଳିତ ଆନୁକୁଲ୍ୟରେ ଏହି ଗୁରୁତ୍ପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଦେବେନ୍ଦ୍ର କୁମାର ବାଉରୀ ସୂଚନା ଦେଇଛନ୍ତି । ପ୍ରବନ୍ଧକଙ୍କ ତଥ୍ୟ ଅନୁଯାୟୀ ଏଯାବତ୍ ଜିଲ୍ଲାର ୧୬ ବିଭିନ୍ନ ବ୍ୟାଙ୍କର ୬୬୨୪୨ଟି ଦାବିହୀନ ଜମାଖାତାରେ ୨୫.୯୭ କୋଟି ଟଙ୍କାର ଜମାରାଶି ପଡିରହିଛି ।

# ରାୟଗଡ଼ା ବ୍ଲକ୍‌ର ବହୁ ଗ୍ରାମାଞ୍ଚଳ ରାସ୍ତା ଶୋଚନୀୟ



ରାୟଗଡ଼ା,୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍‌ର ଜିଲ୍ଲା ପରିଷଦ ଅଧିନସ୍ଥ "ଖ' ଜୋନରେ ଥିବା ଗ୍ରାମ ପଞ୍ଚାୟତ ଗୁଡିକର ଅନେକ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡିକର ଅବସ୍ଥା ଶୋଚନୀୟ ହୋଇ ପଡିଥିବା ବେଳେ ଏ ନେଇ ଜିଲ୍ଲା ପ୍ରଶାସନ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ଶୁଣିବାକୁ ମିଳୁଥିଲା । ଶୋଚନୀୟ ହୋଇ ପଡିଥିବା ରାସ୍ତାଗୁଡିକର ତୁରନ୍ତ ମରାମତି ନିମନ୍ତେ ମଙ୍ଗଳବାର ଦିନ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ମୀରାବାଲି ସରପଞ୍ଚ ଆଶୋକ ପୁଆଲା, ଦୁର୍ଗାପାଡୁ ସରପଞ୍ଚ ସୁଶିଳା ପୁଆଲା, ସମାଜସେବୀ ତଥା ସ୍ଥାନୀୟ ଅଞ୍ଚଳର ଯୁବ ନେତା ସତ୍ୟବାନ ମାଣ୍ଡାଙ୍ଗି ଓ ଅନ୍ୟମାନେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ଭେଟି ଆଲୋଚନା ଓ ଦାବି ଜଣାଇଥିଲେ । ଜନ ପ୍ରତିନିଧିଙ୍କ ଦାବି ଶୁଣିବା ପରେ ଶ୍ରୀ ଖେମୁଣ୍ଡୁ ଗ୍ରାମ୍ୟ ଉନ୍ନୟନ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ ଯୋଗେ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିବାକୁ କହିଥିଲେ। ପରେ ଉକ୍ତ ପ୍ରତିନିଧି ମଣ୍ଡଳି ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ରାସ୍ତାଗୁଡିକର ଶୋଚନୀୟ ଅବସ୍ଥା ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଡେଙ୍ଗାଯୋଡି ଗ୍ରାମ ଠାରୁ ଜାଙ୍ଗିଲି ଏବଂ ବାଇସଂ ଠାରୁ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ବାଲୁମତି ଗାଁ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ବେଳେ ଏହା ଆଉ ବ୍ୟବହାର ଉପଯୋଗୀ ହୋଇ ପାରୁ ନ ଥିବାରୁ ଯଥାଶୀଘ୍ର ଏହି ରାସ୍ତା ମରାମତି ପାଇଁ ଦାବି ଜଣାଇଥିଲେ। ଏଥିସହ ପିପଲଗୁଡା, ଡାଙ୍ଗଲୋଡି, ମୀରାବାଲି, ଦୁର୍ଗାପାଡୁ ଭଳି ଗ୍ରାମପଞ୍ଚାୟତର ଅନେକ ଦୁର୍ଗମ ଅଞ୍ଚଳ ଗାଁକୁ ସଂଯୋଗ କରୁଥିବା ଗ୍ରାମାଞ୍ଚଳ ରାସ୍ତାଗୁଡିକ ମଧ୍ୟ ଗ୍ରାମବାସୀ ବ୍ୟବହାର ଉପଯୋଗୀ ହୋଇ ପାରୁ ନ ଥିବା ବିଷୟରେ ଅବଗତ କରାଇଥିଲେ । ଏ ନେଇ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଉକ୍ତ ଅଞ୍ଚଳ ଗସ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଆଦେଶ ଦେଇଥିବା ସମାଜସେବୀ ସତ୍ୟବାନ ମାଣ୍ଡାଙ୍ଗି ପ୍ରକାଶ କରିଛନ୍ତି।

> ପ୍ରଶାସନିକ ଅଧିକାରୀଙ୍କୁ ଭେଟିଲେ ଜନ ପ୍ରତିନିଧି
> ଡେଙ୍ଗାଯୋଡିରୁ ଜାଙ୍ଗିଲି, ବାଇସିଂରୁ ବାଲୁମତି ରାସ୍ତାର ଦୁରବସ୍ଥା

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ



ମାଥିଲି,୧୧।୧୨ (ସମିସ)

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ କ୍ରୀଡା ଉତ୍ସବ ମାଥିଲି ମିନି ଷ୍ଟାଡିଅମ ଠାରେ ଉଦ୍‌ଯାପିତ ହୋଇଯାଇଛି। ସରସ୍ୱତୀ ଶିଶୁ ୨୬ତମ କ୍ରୀଡା ମହୋତ୍ସବକୁ ପ୍ରଥମ ଦିନରେ ବରିଷ୍ଠ ଶିକ୍ଷାବିତ୍ ଶିବ ପ୍ରସାଦ ପରିଛା, ବିଦ୍ୟାଳୟର ସମ୍ପାଦକ ସତ୍ୟନାରାୟଣ ଦାଶ ଓ ଶୈକ୍ଷିକ ଉପଦେଷ୍ଟା ମହେଶ୍ୱର ନାୟକ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ଏହି ବାର୍ଷିକ ଦୁଇ ଦିନିଆ କ୍ରୀଡା ମହୋତ୍ସବରେ ବିଭିନ୍ନ ବର୍ଗର କ୍ରୀଡା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପଦର୍ଶିତ କରିଥିଲେ। ଏହି ଦୁଇ ଦିନିଆ କ୍ରୀଡା ମହୋତ୍ସବକୁ ବିଦ୍ୟାଳୟର କ୍ରୀଡା ଗୁରୁଜୀ କୈଳାସ ସେଥି ପରିଚାଳନା କରିଥିଲେ।ଏବଂ ବାର୍ଷିକ କ୍ରୀଡା ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟ ଉପଦେଷ୍ଟା ଡକ୍ଟର ସୁବ୍ରତ କୁମାର ଭଦ୍ର, ସଭାପତି ରଜନୀକାନ୍ତ ପଣ୍ଡା, ସମ୍ପାଦକ ସତ୍ୟନାରାୟଣ ଦାଶ, ବରିଷ୍ଠ ଶିକ୍ଷାବିତ ଶିବ ପ୍ରସାଦ ପରିଛା, ଶୈକ୍ଷିକ ଉପଦେଷ୍ଟା ମହେଶ୍ୱର ନାୟକ ଓ ବରିଷ୍ଠ ସାମ୍ବାଦିକ ବାସୁଦେବ ଜେନା ଯୋଗ ଦେଇ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହିତ କ୍ରୀଡା ନିତ୍ୟାନ୍ତ ଆବଶ୍ୟକ ବୋଲି ଅତିଥିମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷାବିତ ଶିବ ପ୍ରସାଦ ପରିଛା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ଏହାପରେ ଦୁଇ ଦିନିଆ କ୍ରୀଡା ମହୋତ୍ସବରେ ବିଭିନ୍ନ ବର୍ଗର କୃତିତ୍ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ ଉପସ୍ଥିତ ଅତିଥିମାନେ। ଏହି ଦୁଇ ଦିନିଆ କ୍ରୀଡା ମହୋତ୍ସବକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ସ୍ୱାଇଁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପଦ୍ମପୁର,୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁରସ୍ଥିତ ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଏବଂ ସାଂସ୍କୃତିକ ଉତ୍ସବ ଗତ ତିନି ଦିନ ଧରି ଚାଲିଥିବା ବେଳେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପଦ୍ମପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ପଦ୍ମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର କଣ୍ଡାଗୋରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ଦାସ ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଏବଂ ଏହାର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ । ଦୁମ୍ବୁରିନେଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ କ୍ରୀଡ଼ା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ଅଧ୍ୟାପକ ଡ. ମନୋଜ କୁମାର ଶତପଥୀ, ରମେଶ ଚନ୍ଦ୍ର ପଣ୍ଡା, ବାଞ୍ଛାନିଧି ଦାସ, ସୁବାସ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଦୋରା, ରଶ୍ମିତା କୁମାରୀ ସ୍ୱାଇଁ, ରାମନାଥ ସାହୁ, ପଞ୍ଚାନନ ଶତପଥୀ, ଜନାର୍ଦ୍ଦନ ପାଣିଗ୍ରାହୀ, ବିଦ୍ୟାବତୀ ନିମାଲୁ, ରିଙ୍କି କୈବର୍ତ୍ତ, ଶଙ୍କର ପ୍ରାସାଦ ନାୟକ, ସନ୍ତୋଷ କୁମାର ରଣା, ମାଲିକେଶ୍ୱର ନାଇଡୁ, ରମେଶ ଚନ୍ଦ୍ର ପାଣିଗ୍ରାହୀ, ଭବାନୀ ରାଓ, ଦୀନବନ୍ଧୁ ଶବର, ମନୋଜ କୁମାର ଶତପଥୀ, ସୋମନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ମନୋଜ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ପଣ୍ଡା ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମାନବ ଅଧିକାର ଦିବସ ପାଳିତ

ରାୟଗଡା, ୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ସ୍ଥାନୀୟ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋମତାଲପେଟା ପରିସରରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଓକିଲ ଚନ୍ଦନ ହରେନ୍ଦ୍ର ନାଥ, ଦେବରାଜ ନାଏକ, ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ବିଶ୍ୱନାଥ ଗନ୍ତାଏତ, ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋମତାଲପେଟା ର ଅଧ୍ୟକ୍ଷ ପ୍ରଭାକର ଦାସ, ଆନନ୍ଦ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଶିକ୍ଷକ ପ୍ରମୁଖ ମଞ୍ଚାସୀନ ଥିଲେ। ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ଅଭିଭାଷଣରେ ସମ୍ବିଧାନର ବିଭିନ୍ନ ଧାରା ରେ ବର୍ଣ୍ଣିତଥିବା ମାନବ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋମତାଲପେଟାର ଛାତ୍ରଛାତ୍ରୀ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆନ୍ଦୋଳନ ପ୍ରତ୍ୟାହାର



ରାମନାଗୁଡ଼ା,୧୧।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ରାଜ୍ୟ ସରକାରଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ପରେ, ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜି ଠାରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣା ଏବଂ ଗଣ ଛୁଟି ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇଛି। ଫଳରେ ଓଏଭି ଶିକ୍ଷକଶିକ୍ଷୟତ୍ରୀମାନେ ବିଦ୍ୟାଳୟକୁ ଫେରି ପାଠପଢା ଆରମ୍ଭ କରିଛନ୍ତି । ରାମନାଗୁଡା ଓଏଭିରେ ମଧ୍ୟ ଆଜିଠାରୁ ଶିକ୍ଷା ଦାନ ସ୍ୱାଭାବିକ ହୋଇଛି । ସୂଚନାଯୋଗ୍ୟ, ସଂଘର ପାଞ୍ଚ ଜଣ ବିଶିଷ୍ଟ ପ୍ରତିନିଧି ଦଳ ସଭାପତିଙ୍କର ନେତୃତରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଏଭିଏସ ଙ୍କ ସହ ଓଏଭିଏସ କର୍ମଚାରୀଙ୍କ ୧୩ ଦଫା ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ମନ୍ତ୍ରୀ ଏବଂ ରାଜ୍ୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସରକାରୀ ପ୍ରକ୍ରିୟା ଅନୁଯାୟୀ ଆଗାମୀ ତିନି ମାସ ମଧ୍ୟରେ ଅଧିକାଂଶ ମୁଖ୍ୟ ଦାବିର ସମାଧାନ କରାଯିବ। ପ୍ରତିଶ୍ରୁତି ମୁତାବକ ନିର୍ଦ୍ଧାରିତ ତିନି ମାସ ମଧ୍ୟରେ ମୁଖ୍ୟ ଦାବିଗୁଡ଼ିକ ପୂରଣ ନହେଲେ ସଂଘ ପରିସ୍ଥିତିର ସମୀକ୍ଷା କରିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି କୁହାଯାଇଛି।

# ମାଣ୍ଡିଆ ତିଆରି ଖାଦ୍ୟ ଉପରେ ତାଲିମ ପ୍ରଦାନ



ଟିକିରି,୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ କୁଚେଇପଦରରେ ୧୮ ଦିନିଆ ମାଗଣା ପ୍ରଯୁକ୍ତିବିଦ୍ୟା-ଆଧାରିତ ଉଦ୍ୟୋଗୀତା ତାଲିମ କାର୍ଯ୍ୟକ୍ରମ ଗ୍ରାମୀଣ ଉଦ୍ୟୋଗୀତା ଏବଂ ମହିଳା ସଶକ୍ତିକରଣ ଦିଗରେ ଏକ ଗୁରୁତ୍ପୂର୍ଣ୍ଣ ପଦକ୍ଷେପ ସଫଳତାର ସହ ସମାପ୍ତ ହୋଇଛି। ପ୍ରୋଜେକ୍ଟ ରାଇଜ ନାମକ ଏହି ପଦକ୍ଷେପ ଯାହା ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଭାରତୀୟଉଦ୍ୟୋଗୀତା ବିକାଶ ପ୍ରତିଷ୍ଠାନ ଇଡିଆଇଆଇ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା ।ସ୍ଥାନୀୟ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ, ବିଶେଷକରି ମହିଳାମାନଙ୍କୁ ସ୍ଥାୟୀ ବ୍ୟବସାୟ ଦକ୍ଷତା ସହିତ ଜଡ଼ିତ କରିବା ଲକ୍ଷ୍ୟରେ ମିଲେଟ୍ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ମିଲେଟ୍, ପୁଷ୍ଟିକର ମୂଲ୍ୟ ଏବଂ ଜଳବାୟୁ ସ୍ଥିରତା ପାଇଁ ଜଣାଶୁଣା, କାଶୀପୁର ଅଞ୍ଚଳ ପାଇଁ ଏକ ପ୍ରତିଶ୍ରୁତିପୂର୍ଣ୍ଣ ଏବଂ ସ୍ଥାୟୀ ଉତ୍ପାଦ ରେଖା ପ୍ରଦାନ କରୁଛି। ଟ୍ରେନର ଜଗନ୍ନାଥ ଚିନାରୀଙ୍କ ପରି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ, ହିତାଧିକାରୀମାନେ ବିଭିନ୍ନ ପ୍ରକାରର ବଜାରଯୋଗ୍ୟ ଉତ୍ପାଦ ସୃଷ୍ଟି କରିବା ଶିଖିଥିଲେ । ଏଥିରେ ମିଲେଟ୍-ଆଧାରିତ କୁକିଜ୍, ମିକଚର୍, ଏବଂ ମୁଡୁକୁ, ଖଜା ଗଜା , ଲଡୁ , ଉପମା ଆଦି ବିଭିନ୍ନ ମିଲେଟ୍-ଆଧାରିତ ମିଠା ଉତ୍ପାଦ ରହିଛି। ଆଇଡିବିଆଇ ବ୍ୟାଙ୍କ ଆବଶ୍ୟକୀୟ ଆର୍ଥିକ ସହାୟତା ଏବଂ ପ୍ରାୟୋଜକତା ପ୍ରଦାନ କରୁଥିଲ ବେଳେ ତୃଣମୂଳ ସ୍ତରରେ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି କର୍ପୋରେଟ୍ ସାମାଜିକ ଦାୟିତ୍ୱ ସିଏସ୍ଆର ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା। ଇଡିଆଇଆଇ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଇ ତାଲିମ କାର୍ଯ୍ୟକାରୀ କରିଥିଲା। ପ୍ରକଳ୍ପ ଅଧିକାରୀ ପପୁନ କୁମାର ପ୍ରଧାନ ତାଲିମ କେନ୍ଦ୍ର ପରିଚାଳନା କରିଥିଲେ।

## ଲିଙ୍ଗଭିତ୍ତିକ ହିଂସା ବିରୋଧୀ ପକ୍ଷ ଉଦ୍‌ଯାପିତ




କୋରାପୁଟ,୧୧।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକା ହିଂସା ବିରୋଧୀ ପକ୍ଷ ଅଭିଯାନ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କରାଯାଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ତଥା ସମ୍ପ୍ରଦାୟ ସ୍ତରରେ ବାଲ୍ୟ ବିବାହକୁ ରୋକିଥିବା ଚାମ୍ପିଅନମାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ୱାନ ଷ୍ଟପ ସଖୀ କେନ୍ଦ୍ର ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। 'ସଖି' କେନ୍ଦ୍ରର ପରିଚାଳିକା ସସ୍ମିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୋରାପୁଟରେ କନ୍ଦମୂଳ ଚାଷ

# ଅରେଞ୍ଜ ଫ୍ଲେଶ୍ କନ୍ଦମୂଳ ଅଧିକ ଲାଭଦାୟକ



କୋରାପୁଟ,୧୧।୧୨(ସମିସ): କୋରାପୁଟ ଜିଲ୍ଲାର ଜଳବାୟୁ କଫି, ମାଣ୍ଡିଆ, ସୁଆଁ, ମକା, ଅଦା ଚାଷ ପାଇଁ ଅନୁକୂଳ ପ୍ରମାଣିତ ହେବା ପରେ ବର୍ତ୍ତମାନ ବିଭିନ୍ନ କିସମର କନ୍ଦମୂଳ କୋରାପୁଟ ଜିଲ୍ଲାରେ ଚାଷ ହୋଇ ପରିବା ନେଇ ଉଦ୍ୟାନବିତ୍ ମାନେ ମତ ରଖିଛନ୍ତି। କନ୍ଦମୂଳ ଚାଷ ପାଇଁ କୋରାପୁଟ ଜିଲ୍ଲାର ମାଟି, ପାଣି ଓ ଜଳବାୟୁ ସମ୍ପୂର୍ଣ୍ଣ ଉପଯୁକ୍ତ ଏବଂ ଏଠାରେ ଚାଷୀ କନ୍ଦମୂଳ ଚାଷ କରି ବେଶ ଲାଭବାନ ହେଉଥିବାବେଳେ ଆସନ୍ତା ଦିନରେ ଚାଷୀ ଓରେଞ୍ଜ୍ ଫ୍ଲେଶ୍ ଜାତିର କନ୍ଦମୂଳ ଚାଷ କରି ଅଧିକ ଲାଭବାନ ହୋଇ ପାରିବେ ବୋଲି ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ଶ୍ରୀ ବିଶ୍ୱାଳଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, କୋରାପୁଟ ଜିଲ୍ଲାରେ ପ୍ରାୟ ୩ ହଜାର ହେକ୍ଟର ଜମିରେ କନ୍ଦମୂଳ ଚାଷ ହେଉଥିବାବେଳେ ବାର୍ଷିକ ୩୦ ହଜାର ମେଟ୍ରିକ୍ ଟନ୍ ଉତ୍ପାଦିତ ହେଇଥାଏ। କନ୍ଦମୂଳ ଚାଷରେ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ସହ ଭଲ ଲାଭ ହେଉଥିବାରୁ ଚାଷୀ ଏଥିପ୍ରତି ଅଧିକ ଗୁରୁତ୍ୱ ଦେଇ ଥାଆନ୍ତି। ଏହା ଗରିବଙ୍କ ଠାରୁ ଧନୀ ସବୁ ବର୍ଗର ଲୋକଙ୍କ ପସନ୍ଦ ଏବଂ କନ୍ଦମୂଳରେ ଅଧିକ ଭିଟାମିନ ରହୁଥିବାରୁ ସମସ୍ତେ ଏହାକୁ ଖାଇ ଥାଆନ୍ତି, ତେଣୁ ବଜାରରେ ମଧ୍ୟ ଏହାର ଚାହିଦା ରହିଛି। ବର୍ତ୍ତମାନ କୋରାପୁଟରେ ଚାଷୀ କନ୍ଦମୂଳର ପାରମ୍ପରିକ ଲାଲ ଓ ଧଳା ରଙ୍ଗ କିସମ ଚାଷ କରୁଥିବା ବେଳେ ଆସନ୍ତା ଦିନରେ ଅରେଞ୍ଜ ଫ୍ଲେସ ଜାତିର କନ୍ଦମୂଳ ଚାଷ କରିବାକୁ ଉଦ୍ୟାନ ବିଭାଗ ସମସ୍ତ ସହାୟତା ଯୋଗାଇ ଦେବ ବୋଲି ଉପନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଓରେଞ୍ଜ୍ ଫ୍ଲେଶ ଜାତିର କନ୍ଦମୂଳର ବାହାର ଅଂଶ ଲାଲ କିମ୍ବା ଧଳା ହୋଇଥିବା ବେଳେ ଭିତର ଅଂଶ କମଳା ରଙ୍ଗର ହୋଇଥାଏ। ଏହି କିସମର କନ୍ଦମୂଳରେ ଅଧିକ ଭିଟାମିନ୍ ରହିବା ସହିତ ମଣିଷ ଶରୀରକୁ ଅଧିକ ଶକ୍ତି ଯୋଗାଇଥାଏ। ସେହିପରି ଏହାର ବଜାର ମୂଲ୍ୟ ମଧ୍ୟ ଅନ୍ୟ ପ୍ରଜାତିର କନ୍ଦମୂଳ ଠାରୁ କିଲୋ ପ୍ରତି ୮-୧୦ ଟଙ୍କା ଅଧିକ ରହୁ ଥିବା କାରଣରୁ ଚାଷୀଙ୍କ ଲାଭ ଅଧିକ ହୋଇଥାଏ। ତେଣୁ ଉଦ୍ୟାନ ବିଭାଗ ପାରମ୍ପରିକ ବିହନ ବଦଳରେ ଅରେଞ୍ଜ୍ ଫ୍ଲେଶ ଜାତିର ବିହନ ଲଗାଇବାକୁ ଗୁରୁତ୍ୱ ଦେଉଥିବା ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ କୋରାପୁଟ ଜିଲ୍ଲାରେ ଚାଷୀ ମାନଙ୍କୁ ତାଲିମ ଏବଂ ସହାୟତା ଯୋଗାଇ ଦେବାକୁ ସ୍ୱାମୀନାଥନ ଫାଉଣ୍ଡେସନ, କୃଷି ବିଜ୍ଞାନ କେନ୍ଦ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମେତ ଉଦ୍ୟାନ ବିଭାଗ ସବୁବେଳେ ଯତ୍ନବାନ ରହିଥିବା ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିର ଭରଣା ନିମନ୍ତେ ରବି ଋତୁରେ ଚାଷୀ ଯେପରି ଅନ୍ୟ କୌଣସି ଚାଷ କରି ଲାଭବାନ ହେବେ ସେ ସମ୍ପର୍କରେ ଚାଷୀଙ୍କୁ ସଚେତନ କରା ଯାଉଥିବା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଚନା ଦେଇଛନ୍ତି।

■ ଜବରଦଖଲ ଉଚ୍ଛେଦ ଘଟଣା

# ପୌର ପରିଷଦ ଓ ଚାମ୍ବର ଅଫ୍ କମର୍ସ ଆଲୋଚନା

କୋରାପୁଟ,୧୧।୧୨(ସମିସ): କୋରାପୁଟ ପୌର ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦକୁ ଚାମ୍ବର ଅଫ୍ କମର୍ସ ବିରୋଧ କରିବା ପରେ ଏହାର ସମାଧାନ ନିମନ୍ତେ ଗୁରୁବାର ଉଭୟଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୌର ପରିଷଦ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସମସ୍ତ କାଉନସିଲର, ଚାମ୍ବର ଅଫ୍ କମର୍ସ ସଭାପତି ଟି କିରଣ କୁମାର, ସମ୍ପାଦକ ରାଜେଶ ସୋନେଜା ଏବଂ ସମସ୍ତ କାର୍ଯ୍ୟ ନିର୍ବାହୀ ସଦସ୍ୟ ଯୋଗ ଦେଇଥିଲେ। ଜବର ଦଖଲ କରିଥିବା ବ୍ୟବସାୟୀ ମାନଙ୍କୁ ନିଜେ ଉଚ୍ଛେଦ କରିବା ପାଇଁ କିଛି ଦିନ ସମୟ ଦେବା ସହ ଜାତୀୟ ରାଜପଥ ଡ୍ରେନ ଯାଏ ଉଚ୍ଛେଦ ନକରିବାକୁ ଚାମ୍ବର ଅଫ କମର୍ସ ପକ୍ଷରୁ ଅନୁରୋଧ କରାଯାଇଛି। ଏହାକୁ ପୌର ପରିଷଦ ଗ୍ରହଣ କରିଥିବା ବେଳେ ଡ୍ରେନ ବାହାର ଜବର ଦଖଲ ଉଚ୍ଛେଦ କରିବାକୁ ପୌର କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି। ଅନ୍ୟ ପକ୍ଷରେ ରାଜପଥ କଡ଼ରେ ଅସ୍ଥାୟୀ ଦୋକାନ କରି ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚାମ୍ବର ଅଫ କମର୍ସ ଅନୁରୋଧ କରିଥିବା ବେଳେ ଏଥିପ୍ରତି ପୌର ପରିଷଦ ଗୁରୁତ୍ୱ ଦେବ ବୋଲି ପ୍ରତିଶୃତି ଦିଆଯାଇଛି। ଜାତୀୟ ରାଜପଥ କଡ଼ରେ ଥିବା ଜବରଦଖଲ ଉଚ୍ଛେଦ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ବ୍ଲକ୍ସ୍ତରୀୟ ବିଜ୍ଞାନ ମେଳା



ତେନ୍ତୁଳିଖୁଣ୍ଟି,୧୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି ବ୍ଲକ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ବିଜ୍ଞାନ ମେଳା ୨୦୨୫। ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବରେ ତେନ୍ତୁଳିଖୁଣ୍ଟି ବିଜ୍ଞାନ ପ୍ରଦର୍ଶକ ଶ୍ରୀନିବାସ ରାଓ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଜୀବ ତ୍ରିପାଠୀ ଏବଂ ଡଙ୍ଗରଭେଜା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଚ୍ଚିଦାନନ୍ଦ ବିଶୋଇ ଯୋଗଦେଇ ନିର୍ଣ୍ଣାୟକ ମଣ୍ଡଳୀ କାର୍ଯ୍ୟ ବହନ କରିଥିଲେ। ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କୁଳ ରଞ୍ଜନ ସୁନା, ପ୍ରଫୁଲ୍ଲ ପଟ୍ଟନାୟକ, ଆନନ୍ଦ ଭତରା, ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଅତିଥିବୃନ୍ଦ ମଞ୍ଚାସିନ ଥିଲେ। ପ୍ରଦର୍ଶିତ ପ୍ରକଳ୍ପ ଗୁଡିକ ମଧ୍ୟରୁ ଦେଓପାଲି ଉଚ୍ଚ ବିଦ୍ୟାଳୟ ଛାତ୍ର ସୌଭାଗ୍ୟ ରଞ୍ଜନ ବେହେରା, ପୂଜାରୀଗୁଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅନ୍ୱେଷା, ଅମ୍ଳାଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ପ୍ରତୀକ ବିଶୋଇ, ଦିଗି ସଲପା ଶିବ ପ୍ରସାଦ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମମତା ରାଣୀ ପଣ୍ଡା, କୁସନଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର କୃଷ୍ଣ ପାଇକ, ଲକଡିପାଲା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସ୍ୱର୍ଣ୍ଣ ପ୍ରଭା ପଣ୍ଡା, ଝରିଗୁମା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଟାଏଲ୍ସ ପାଣି ପ୍ରମୁଖ ପୁରସ୍କୃତ ହୋଇଥିଲେ ଉଚ୍ଚପ୍ରାଥମିକ ପର୍ଯ୍ୟାୟରେ ବିଜ୍ଞାନମେଳା ବିରିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନେଜରିନ ଡ଼ଙ୍ଗରି, ଦେଓପାଲି ଉଚ୍ଚ ବିଦ୍ୟାଳୟ ଛାତ୍ର କରଣ୍ଡୀ ତରଣ ବେହେରା, ଲମତାଗୁଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅହଲ୍ୟା ହରିଜନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରୁଚିତା ଶତପଥୀ, ଲକଡିପାଲା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ରାଧିକା କନ୍ଧପାନ, ଅମ୍ଳାଭଟା ଛାତ୍ର ସାଲ ମୁକେଶ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ସମସ୍ତ ୧୩ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି ସିଆରସିସି ସର୍ବେଶ୍ୱର ପତି।

# ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ ପାଳିତ

ଜୟପୁର,୧୧।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର କାରାଗାର ଠାରେ କାରାଗାର ପ୍ରତିଷ୍ଠା ଦିବସ ଏବଂ ଅନ୍ତର୍ଜାତୀୟ ମାନବିକ ଅଧିକାରୀ ଦିବସ ଗତ ବୁଧବାର ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ସମ୍ମାନିତ ଅତିଥି ଭାବେ ପାର୍ଥ କାଶ୍ୟପ, ସ୍ଥାନୀୟ କୋଷାଗାରର ଅଧିକାରୀ ନରସିଂହ ତ୍ରିପାଠୀ ମଞ୍ଚାସିନ ଥିଲେ। ଜେଲ ଅଧିକ୍ଷକ ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିନେତା ତଥା ନାଟ୍ୟକାର ମହମ୍ମଦ ସରିଫ ମଞ୍ଚ ପରିଚାଳନା କରିଥିବା ବେଳେ ଯୋଗ ପ୍ରଶିକ୍ଷିକା ସୁଶ୍ରୀ ରେଷ୍ମନା ରଥ, ସମାଜସେବୀ ମମତା ମିଶ୍ର, ନୃତ୍ୟ ଗୁରୁ ଶିବଶଙ୍କର ନାୟକ, ପକ୍ଷୀ ପ୍ରେମୀ ରବି ଅନକା ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନ୍ତେବାସୀ ମାନଙ୍କ ପକ୍ଷରୁ ଭଜନ, ହିନ୍ଦୀ ଓ ଓଡିଆର ଆଧୁନିକ ଗୀତ, ସମ୍ବଲପୁରୀ ଓ କୋରାପୁଟିଆ ଢେମସା ନୃତ୍ୟ, ଯୋଗକଳା ପ୍ରଦର୍ଶିତ ହୋଇଥିଲା। ଶେଷରେ କ୍ଷୁଦ୍ର ହାସ୍ୟ ନାଟକ ପରିବେଷଣ ହୋଇଥିଲା। ଶ୍ରେଷ୍ଠ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜେଲ୍ ପରିଚାଳନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହିଳା କର୍ମଚାରୀ ମୁଖ୍ୟ କାରାରକ୍ଷୀ କାମିନୀ ମାଝି, ଅଙ୍କିତା ବେହେରା, ପୁରୁଷ କାରାରକ୍ଷୀ ଗୋପାଳ ଖରାଙ୍କୁ ପ୍ରମାଣପତ୍ର, ଉପଢୌକନ ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ, ସହକାରୀ ଜେଲର ଅକ୍ଷୟ ନାୟକ, ମକୁସୁଦ ଖାନ, ଉପ ସହକାରୀ ଜେଲର ମଧୁସୂଦନ ମଲ୍ଲିକ, ବର୍ଣ୍ଣାବ ଗମାଙ୍ଗ ଏବଂ ଅନ୍ୟାନ୍ୟ କର୍ମଚାରୀ ସହାୟତା କରିଥିଲେ।

## ଆଜିଠୁ ଆରମ୍ଭ ହେବ ଲୋକ ମହୋତ୍ସବ 'ମଣ୍ଡେଇ'

# ପାରମ୍ପରିକ ନାଚଗୀତରେ କମ୍ପିବ ସହର



ନବରଙ୍ଗପୁର,୧୧।୧୨(ସମିସ): ନବରଙ୍ଗପୁର ଜିଲା ସ୍ତରୀୟ 'ମଣ୍ଡେଇ' ଲୋକ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହେବ। ଏନେଇ ସମସ୍ତ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମଣ୍ଡେଇ ପଡିଆ ଠାରେ ଆହୂତ ଖବରଦାତା ସମ୍ମିଳନୀରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ କହିଛନ୍ତି। ଏଥର ଜିଲ୍ଲାର ୧୨ଟି ସାଂସ୍କୃତିକ ଦଳ ଓ ଓଡ଼ିଶାର ଅନ୍ୟ ଜିଲା ମାନଙ୍କର ୧୨ ଓ ରାଜ୍ୟରୁ ୩ଟି ସାଂସ୍କୃତିକ ଦଳ ଆସିବେ। ମୋଟ ୨୪ଗୋଟି ସଂସ୍କୃତି ଦଳ ମଣ୍ଡେଇ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୧୨ତାରିଖରେ ଓଡ଼ିଶାର ଗାୟିକା ନାଭ୍ୟା ଜୟତି, ୧୩ ତାରିଖରେ ସୁପର ଷ୍ଟାର୍ ସିଙ୍ଗର ସାରେଗାମାପା ୨୦୨୩ ବିଜେତା ନିଷ୍ଠା ଶର୍ମା, ୧୪ ତାରିଖରେ ଓଡ଼ିଆ ଗାୟକ ଶଶାଙ୍କ ଶେଖର, ହାସ୍ୟକାର ପ୍ରଜ୍ଞା ରଞ୍ଜନ ଖଟୁଆଙ୍କ ମୁଖ୍ୟ ଆକର୍ଷଣ କାର୍ଯ୍ୟକ୍ରମ ରହିଛି। ୧୨,୧୩ ଓ ୧୪ ମୁଖ୍ୟ ମଣ୍ଡେଇ ଲୋକ ମୋହତ୍ସବ ରହିବ। ପଲ୍ଲୀ ଶ୍ରୀ ମେଳାକୁ ଏଥର ବିକଶିତ ଭାରତ ସ୍ୱଦେଶୀ ମେଳା ଭାବେ ନାମିତ କରାଯାଇଛି। ମେଳାରେ ୪ଶହ ଷ୍ଟଲ ଖୋଲା ଯାଇଛି। ସେଥି ମଧ୍ୟରୁ ଖାଦ୍ୟ ଷ୍ଟଲ ୧୦, ବିଭିନ୍ନ ସରକାରୀ ସଂସ୍ଥା ପାଇଁ ୯୦ଷ୍ଟଲ, ଅଫିସିଆଲ୍ ୧୫୦ ଷ୍ଟଲ, ୧୧୦ କମର୍ସିଆଲ ଷ୍ଟଲ ରହିଛି। ଶୁକ୍ରବାର ଅପରାହ୍ନ ୨ ଟାରେ ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ପ୍ରଜ୍ୱଳିତ ମଶାଲ, ଭିମା ଭିମାଣି, ଦେବି ଲାଠି, ଚୌକି ଆଦି ମଣ୍ଡେଇ ପଡିଆ ପହଞ୍ଚିବ। ସେଠାରେ ମଞ୍ଚ ପୂଜା ପରେ ସାଂସ୍କୃତିକ ସଭା କାର୍ଯ୍ୟ ହେବ। ପରେ ନିମନ୍ତ୍ରିତ ସାଂସ୍କୃତିକ ଦଳ ଗୁଡିକ ନୃତ୍ୟ ପରିବେଷଣ କରିବେ। ସାଂସ୍କୃତିକ ଦଳ ଓ ଭିଆଇପି ମାନଙ୍କ ପାଇଁ ପଡିଆ ପଛପାଖ ଏକ ତରଫା ରାସ୍ତା କରାଯାଇଛି। ମଣ୍ଡେଇ ପରିଚାଳନା ପାଇଁ ୧୨ ଗୋଟି ପରିଚାଳନା କମିଟି କାର୍ଯ୍ୟ ପାରୁଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ କହିଥିଲେ ଯେ ପ୍ରତି ବର୍ଷ ଭଳି ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ୮ ପ୍ଲାଟୁନ ପୋଲିସ ଫୋର୍ସ, ୫୦ଜଣ ଅଫିସର ବିଭିନ୍ନ ଦାୟିତ୍ୱରେ ନିୟୋଜିତ କରାଯାଇଛି। ଆଜି ଠାରୁ ସମସ୍ତଙ୍କୁ ଡିୟୁଟି ପ୍ରଦାନ କରାଯାଇଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ(ସାଧାରଣ), ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପିଏ ଆଇ ଟି ଡି ଏ ରାଜୀବ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ମାଲ୍ୟବନ୍ତ'ରେ ଲୋକକଳାକୁ ମିଳୁନି ଗୁରୁତ୍ୱ, ଅସନ୍ତୋଷ

ମାଥିଲି, ୧୧।୧୨ (ସମିସ) : ଆଦିବାସୀ ମାନଙ୍କ ଲୁକ୍କାୟିତ କଳା ଓ ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ଲୋକ ମହୋତ୍ସବ ଆୟୋଜନ କରାଯାଉଛି। କିନ୍ତୁ ଅନେକ ମହୋତ୍ସବରେ ଲୁକ୍କାୟିତ ଆଦିବାସୀ କଳା ଓ ସଂସ୍କୃତିକୁ ପଛରେ ପକାଇ ଆଧୁନିକ ଯୁଗର ପ୍ରାଶ୍ଚାତ୍ୟକୁ ସ୍ଥାନ ଦେଉଛି ପ୍ରଶାସନ। ଯାହାକୁ ନେଇ ଆଦିବାସୀ ମାନଙ୍କ ମଧ୍ୟରେ ଥିବା କଳା ଓ ସଂସ୍କୃତି ଗୁଡିକ ସେହି ଲୁକ୍କାୟିତ ଭାବେ ରହି ଯାଇଛି। ଏହାକୁ ନେଇ ଆଦିବାସୀ ସମାଜରେ ଅସନ୍ତୋଷ ବଢ଼ିବାରେ ଲାଗିଛି।ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବରେ। ଏହି ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ନାଁରେ ଆଦିବାସୀ କଳା ସଂସ୍କୃତିକୁ ପଛରେ ପକାଇ ବାହାର କଳାକାର ମାନଙ୍କୁ ପ୍ରାଧାନ୍ୟ ଦିଆ ଯାଇଛି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଏହି ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମଞ୍ଚ ବନ୍ଧା ଯାଇଥିଲା। ସେହି ଅର୍ଥ ମଧ୍ୟ ବ୍ଲକରେ ଥିବା ସମସ୍ତ ୨୨୮ ଟି ବିଦ୍ୟାଳୟ ର ୨୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନରୁ ଛାତ୍ରଛାତ୍ରୀ ପିଛା ୫ଟଙ୍କା ଲେଖାଏଁ ଆଦାୟ ହୋଇଥିବା ଜଣାପଡିଛି। ଯାହାକୁ ନେଇ ବୁଦ୍ଧିଜୀବୀ ମାନେ ବ୍ଲକ ପ୍ରଶାସନକୁ ଘୋର ନିନ୍ଦା କରିଛନ୍ତି। ଏହାରି ଭିତରେ କିନ୍ତୁ ମାଲ୍ୟବନ୍ତ ମହୋତ୍ସବ ମଞ୍ଚରେ ଆଦିବାସୀ କଳା ସଂସ୍କୃତିର ପ୍ରତିଭା ମାନଙ୍କୁ ଦିନ ଦ୍ୱିପ୍ରହର ଖରାରେ ଆଦିବାସୀ କଳା ସଂସ୍କୃତିର ପ୍ରତିଭା ମାନଙ୍କୁ ସୁଯୋଗ ଦେଇଥିଲା ପ୍ରଶାସନ। କଥା ଉଠୁଛି ଯେଉଁ ସମୟରେ ଲୋକ କଳା ଦେଖିବା ପାଇଁ ଦର୍ଶକ ନାହାଁନ୍ତି, ସେହି ସମୟରେ ଆଦିବାସୀ କଳା ସଂସ୍କୃତିର ନିଜର ପ୍ରତିଭା ଦେଖିବ କିଏ ? ଏମିତି କି ଆୟୋଜକ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କର୍ମଚାରୀ ମଧ୍ୟ ନଥିଲେ। ଗତବର୍ଷ ବ୍ଲକ ପ୍ରଶାସନ ପକ୍ଷରୁ ଆଦିବାସୀ କଳା ସଂସ୍କୃତି କୁ ପ୍ରାଧାନ୍ୟ ଦିଆଯାଇ ମହୁରିଆ,ଢେମସା ଓ ଅନ୍ୟାନ୍ୟ ଆଦିବାସୀ କଳାକାର ମଧ୍ୟରେ ଏକ ପ୍ରତିଯୋଗିତା ମାଲ୍ୟବନ୍ତ ମହୋତ୍ସବ ପୂର୍ବରୁ କରାଯାଇଥିଲା। ସେହି ପ୍ରତିଯୋଗିତାରେ ଯେଉଁମାନେ କୃତିତ୍ୱ ହାସଲ କରିଥିଲେ ସେମାନଙ୍କୁ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ମଞ୍ଚରେ ନିଜର କଳା ପଦର୍ଶନ କରିବା ପାଇଁ ସୁଯୋଗ ମିଳିଥିଲା। କିନ୍ତୁ ଚଳିତ ବର୍ଷ ତାହା ହୋଇ ନଥିଲା। ଯାହାକୁ ନେଇ ଆଦିବାସୀ କଳାକାରଙ୍କ ସହ ବହୁ ଆଦିବାସୀ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହି ବିଷୟରେ ଆମେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବର ଆବାହକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ଆଦିବାସୀ ଲୋକ କଳାର କଳାକାର ମାନଙ୍କୁ ମଞ୍ଚରେ ପ୍ରଥମେ ସ୍ଥାନ ଦିଆଯାଇଛି। ପରେ ବାହାର କଳାକାର ମାନଙ୍କୁ ମଞ୍ଚ ଛଡା ଯାଇଛି ବୋଲି କହିଥିଲେ। ଚଳିତ ବର୍ଷ ପରି ଆଗାମୀ ଦିନରେ ଯେପରି ପୁନରାବୃତ୍ତି ନହୁଏ ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣ ରେ ଦାବି ହୋଇଛି।

# ଖଳାରେ ଜଳିଗଲା ପାଳଗଦା

ରାୟଗଡ଼ା,୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବାଇସିଂ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧୂମାଗୁଡା ଗାଁ ଖଳାରେ ଥିବା ପାଳଗଦାରେ ଗତକାଲି ଅପରାହ୍ନରେ ନିଆଁ ଲାଗି ସଂପୂର୍ଣ୍ଣ ଜଳି ଯାଇଥିବା ଜଣାପଡିଛି। ପାଳ ଗଦାରେ ନିଆଁ ଲାଗିବା ଖବର ପାଇ ତୁରନ୍ତ ରାୟଗଡ଼ା ଦମକଳ କେନ୍ଦ୍ରର ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ୪ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ହୁତୁହୁତୁ ହୋଇ ଜଳୁଥିବା ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ଏ ନେଇ ରାୟଗଡ଼ା ଦମକଳ କେନ୍ଦ୍ର ଷ୍ଟେସନ ଅଫିସର ପି.ଜେ.ରାଓଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ବୁଧବାର ଅପରାହ୍ନରେ ଧୂମାଗୁଡା ଗାଁର ଖଳାରେ ପାଳଗଦାରେ ନିଆଁ ଲାଗି ଯାଇଥିବା ଖବର ମିଳିଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ଗୋଟିଏ ଗାଡିରେ ଉକ୍ତ ସ୍ଥାନକୁ ଯାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ତେବେ ୪ରୁ ୫ଟି ପାଳଗଦାରେ ନିଆଁ ଲାଗି ଥିବାରୁ ଅତିରିକ୍ତ ଆହୁରି ଦୁଇଟି ନିଆଁ ଲିଭା ଗାଡି ଦ୍ୱାରା ୪ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଉକ୍ତ ପାଳ ଗଦା ନିକଟରେ ଧୂମାଗୁଡା ଗାଁର ଚାଷୀ ଅଶାନ୍ତ କାଡ୍ରକା,କ୍ରିଷ୍ଟମା ମାଣ୍ଡାଙ୍ଗି,ବାଷ୍ଟମା ମାଣ୍ଡାଙ୍ଗି,ତୁଲେ କଣ୍ଡାଗରୀ, ଇରକାଲୀ ମେଲେକା ଓ ରାଇସିଂ ମାଣ୍ଡାଙ୍ଗିଙ୍କ ଶହ ଶହ ଅମଳ ଧାନ ବସ୍ତା ମଧ୍ୟ ପାଳଗଦାରେ ପୋଡି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସରକାର ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଖବର ପାଇ ବାଇଶିଙ୍ଗ ଗ୍ରାମପଞ୍ଚାୟତ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବାରୁ ଜଣାପଡ଼ିଛି।

# ନାଗାବଳୀ ଲାୟନ୍ସ କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ



ରାୟଗଡ଼ା,୧୧।୧୨(ସମିସ): ରାୟଗଡ଼ା ନାଗାବଳୀ ଲାୟନ୍ସ କ୍ଲବ ତରଫରୁ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ରାୟଗଡ଼ା ସହରର ଗୁରୁମଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଶ୍ରୀମତି ଶୁଭ୍ରା ପଣ୍ଡା,ଡ.ବିପିନ ବିହାରୀ ବିଶ୍ୱାଳ, ଜୋନ ଚେୟାରପରର୍ସନ ଡ.ପ୍ରସନ୍ନ କୁମାର ଗନ୍ତାୟତ, ରୁବିରାଣୀ କୁଣ୍ଡୁ, ଡ.ଅର୍ଚ୍ଚନା ପଟ୍ଟନାୟକ, ଅରୁଣ ପାଣିଗ୍ରାହୀ, ଦୀପ୍ତି ପଣ୍ଡା,ମନ୍ମଥ ତୁଳଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ପ୍ରାୟ ୧୦୦ଟି କମ୍ବଳ ଏହି କାର୍ଯ୍ୟକ୍ରମରେ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସଭାପତି ଶ୍ରୀମତି ପଣ୍ଡାଙ୍କ ଦ୍ୱାରା ପ୍ରଯୋଜିତ ହୋଇଥିବାରୁ ସମସ୍ତ ସଦସ୍ୟସଦସ୍ୟାମାନେ ପ୍ରଶଂସା କରିଥିବା ବେଳେ ଗ୍ରାମବାସୀମାନେ ଧନ୍ୟବାଦ ଜଣାଇଥିଲେ।

# ରାୟଗଡା ଜିଲ୍ଲା କଂଗ୍ରେସ କର୍ମୀଙ୍କ ଦିଲ୍ଲୀ ଯାତ୍ରା




ରାୟଗଡ଼ା, ୧୧।୧୨(ସମିସ): ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଭୋଟ ଚୋରି ଓ ପ୍ରଧାନମନ୍ତ୍ରୀ ଛାଡ଼ ଡାକରାକୁ ନେଇ ଆସନ୍ତା ୧୪ ତାରିଖରେ ନୂଆଦିଲ୍ଲୀ ଠାରେ ହେବାକୁ ଥିବା ଦିଲ୍ଲୀ ଚଲୋ ସମାବେଶରେ ଯୋଗ ଦେବା ଡାକରାକୁ ନେଇ ଆଜି ରାୟଗଡ଼ାଜିଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଓ କର୍ମୀ ସମତା ଏକ୍ସପ୍ରେସ ଟ୍ରେନରେ ରାୟଗଡା ରେଳ ଷ୍ଟେସନରୁ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। କୋରାପୁଟ ସାଂସଦ ସପ୍ତଗିରି ଉଲାକା ସେଠାରେ ଯୋଗ ଦେବା ନେଇ ଜଣାପଡିଛି। ବିଧାୟକ ଶ୍ରୀ କାଡ୍ରାକାଙ୍କ ସମେତ କାର୍ତ୍ତିକ ନାଏକ, ଏମପିଙ୍କ ପିଏ ବାପି ପଟନାୟକ, ଅସଲାମ୍ ଖାନ୍, ହରିଶ ପଟନାୟକ ଓ ଅନ୍ୟମାନେ ଦିଲ୍ଲୀ ଯାଇଛନ୍ତି।

# ଚନ୍ଦ୍ରପୁର ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା; ଇନ୍ଦ୍ରାବତୀ ପିସିସି ବିଜୟୀ




ତେନ୍ତୁଳିଖୁଣ୍ଟି,୧୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଚନ୍ଦ୍ରପୁର ଠାରେ ଆୟୋଜିତ ଚନ୍ଦ୍ରପୁର ପ୍ରୋ ଲିଗ ସିଜନ ୩ କ୍ରିକେଟ୍ ପ୍ରତିଯୋଗିତାରେ ଉଇନର ହୋଇଛନ୍ତି ଇନ୍ଦ୍ରାବତୀ ପିସିସି ଦଳ। ଇନ୍ଦ୍ରାବତୀ ସୁରଜ କିସାନ ମହାନ୍ତି ଏବଂ ମହେନ୍ଦ୍ର ଚାହାଣିଙ୍କ ନେତୃତ୍ୱରେ ଏହି ଦଳ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଟ୍ରଫି ହାସଲ କରିଛନ୍ତି। ଚନ୍ଦ୍ରପୁର ଠାରେ ଚନ୍ଦ୍ରପୁର ପ୍ରିମିୟମ ଲିଗ୍ କ୍ରିକେଟ ପ୍ରରିଯୋଗିତାରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଇନ୍ଦ୍ରାବତୀ ପିସିସି ଦଳ ଏବଂ ଉମରକୋଟ ଅଲି ଏକ୍ସଆଇ ଦଳ ଫାଇନାଲରେ ପହଞ୍ଚିଥିଲେ। ଉଭୟ ଦଳ ମଧ୍ୟରେ ଦମଦାର ପ୍ରତିଯୋଗିତା ହୋଇଥିଲା। ଶେଷରେ ଇନ୍ଦ୍ରାବତୀ ପିସିସି ବିଜୟୀ ହୋଇଥିଲେ। ଇନ୍ଦ୍ରାବତୀ ପିସିସି ତରଫରୁ ରମେଶ ମେଲକା, ବଡ଼ବାବୁ,ମହେନ୍ଦ୍ର, ସଞ୍ଜୟ, ଶଙ୍କର,ଜଗନ, ଆସିକ୍ୟୁ, ବାବୁନା,ସୁମିତ, ଗୁପ୍ତ, ଟୁଲୁ ପ୍ରମୁଖ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟ୍ରଫି ହାସଲ ପରେ ଇନ୍ଦ୍ରାବତୀ ପିସିସି ଦଳଙ୍କୁ ବିଭିନ୍ନ ମହଲ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବ୍ଲକ୍ସ୍ତରୀୟ 'ଚଇତି' ମହୋତ୍ସବ ଉଦ୍‌ଯାପିତ




ରାୟଗଡା/କୋଲନରା,୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ ଚଇତି -୨୦୨୫ ପାଳନ ଅବସରରେ ଜିଲ୍ଲାର କୋଲନରା ବ୍ଲକ ପ୍ରଶାସନ ପକ୍ଷରୁ ଆଜି ବ୍ଲକ ସ୍ତରୀୟ ମହୋତ୍ସବ ପାଳିତ ହୋଇଯାଇଛି। ଆଜି କୋଲନରା ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ନିକଟସ୍ଥ ଝରଣାରୁ ଗଙ୍ଗା ଆବାହନ ଓ କଳସ ପୂଜା ସକାଶେ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରା ଆରମ୍ଭ ହୋଇ ମାଁ ମଝିଘରିଆଣି ମନ୍ଦିରରେ ବ୍ଲକ୍ ଅଧ୍ୟକ୍ଷା ସଂଯୁକ୍ତା କୁଲେଶିକା ବ୍ଲକ୍, କୋଲନରା ବ୍ଲକ ଚଇତି ସାଂସ୍କୃତିକ ପରିଷଦ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମନ୍ଦିର ଠାରୁ ନାମ ସଙ୍କୀର୍ତ୍ତନ କରି ଏକ ଶୋଭାଯାତ୍ରାରେ କଳସ ବାହାରି ସହର ପରିକ୍ରମା କରିଥିଲା। କୋଲନରା ସ୍ଥିତ ମିନି ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ଚଇତି ମଣ୍ଡପ ଠାରେ ଜଗତର ନାଥ ଜଗନ୍ନାଥଙ୍କ ଠାରେ ଦୀପ ପ୍ରଜଳନ କରି ପୁଜାରୀଙ୍କଦ୍ୱାରା ମହାମନ୍ତ୍ରରେ ମନ୍ତ୍ରୀତ କରି କଳସ ସ୍ଥାପନା କରଯାଇଥିଲା। ସ୍ଥାନୀୟ କେଜିପିବି ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବ୍ଲକ ପ୍ରଶାସନର ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ଚଇତି ମହୋତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷା, ପଞ୍ଚାୟତ ସମିତି କୋଲନରା ସଂଯୁକ୍ତା କୁଲେସିକା , ଉପାଧ୍ୟକ୍ଷ ହଳଧର ହିମିରିକା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ମଞ୍ଚାସିନ ସମସ୍ତ ଅତିଥିଙ୍କୁ ଏବଂ କୋଲନରା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ମଞ୍ଚରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାମଗ୍ରୀ ଷ୍ଟଲରେ ସ୍ଥାନ ପାଇଥିଲା ବେଳେ ଏହାକୁ ବିଧାୟକ ଶ୍ରୀ ହିକକା, ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାର,ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଆକର୍ଷଣୀୟ ନୃତ୍ୟ ଗୀତ ପରିବେଷଣ କରିଥିଲେ। କୃତି କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତରୁ ସାଧାରଣ ଜନତା ଯୋଗ ଦେଇ ବ୍ଲକସ୍ତରୀୟ ମହୋତ୍ସବକୁ ସଫଳ କରିଥିଲେ

● ଚଇତି କ୍ରୀଡ଼ା ମିନି ୱାକାଥନ୍

# ବରିଷ୍ଠ ନାଗରିକଙ୍କୁ ଉତ୍ସାହିତ କଲା ପ୍ରତିଯୋଗିତ



ରାୟଗଡା,୧୧।୧୨(ସମିସ): ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ "ଚଇତି -୨୦୨୫' ପାଳନ ଉପଲେକ୍ଷ ସମସ୍ତ ବର୍ଗକୁ ପ୍ରାଥମିକତା ଦେଇ ଜିଲ୍ଲା ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ପୌରାହିତ୍ୟରେ ଆୟୋଜିତ ହେଉଛି ଚଇତି କ୍ରୀଡା ମହୋତ୍ସବ। ଥଣ୍ଡା, ଶୀତକୁ ଖାତିର ନ କରି ମନରେ ଜୋସ୍ ନେଇ ଗୁରୁବାର ସକାଳେ ରାୟଗଡା ସହରର ୩୨୬ ନମ୍ବର ଜାତୀୟ ରାଜପଥ କୋରାପୁଟ ଛକରୁ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଅନୁଷ୍ଠିତ ପାଦ ଚଲା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତ। ବହୁ ସଂଖ୍ୟାରେ ସହରର ବରିଷ୍ଠ ନାଗରିକ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଚଇତି କ୍ରୀଡ଼ା ଉପ ସମିତିର ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ମାଝୀ, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, କ୍ରୀଡା ଅଧିକାରୀ ଶେଖ୍ ଆଲେନୁର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କୋରାପୁଟ ଛକରୁ କଟଲାଗୁଡା ମା ତାରିଣୀ ପୀଠ ପର୍ଯ୍ୟନ୍ତ ଦୀର୍ଘ ତିନି କିଲୋମିଟର ଯାଏଁ ୱାକଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ବର୍ଗରେ ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ପ୍ରକାଶ କରିଥିଲେ। ୫୦ବର୍ଷରୁ ଅଧିକ ବୟସ୍କ ପୁରୁଷ ବର୍ଗରେ ଚିତ୍ତରଞ୍ଜନ ରଥ, ପ୍ରଥମ, ଦ୍ୱିତୀୟରେ ବୁଧୁରାମ ମହାନ୍ତ, ତୃତୀୟରେ ହରିଶ ଚନ୍ଦ୍ର ସାହୁ, ଚତୁର୍ଥରେ "ସୁବାଷ ଚନ୍ଦ୍ର ବାରିକ ଓ ହର ପ୍ରସାଦ ନକ୍ଷଲା ପଞ୍ଚମ ସ୍ଥାନରେ ରହିଥିବା ବେଳେ ୫୦ ଅଧିକ ମହିଳା ବର୍ଗରେ ଶିକ୍ଷୟତ୍ରୀ ସୁଜାତା ମାଦଳା ପ୍ରଥମ ସ୍ଥାନରେ, ସୁଜାତା ବାରିକ ଦ୍ୱିତୀୟରେ,ଓ ସୁଲତା ପ୍ରଧାନ ତୃତୀୟରେ,ସ୍ଥାନ ହାସଲ କରିଥିଲେ କ୍ଷ ସେହିପରି ୬୦ ବର୍ଷରୁ ଅଧିକ ପ୍ରତିଯୋଗିତାରେ ତ୍ରିପତି ପଣ୍ଡା ପ୍ରଥମ, ମହମଦ ଅବାଦୁଲା ଅଲିଜାନ ଦ୍ୱିତୀୟ, ସତ୍ୟନାରାୟଣ ମିଶ୍ର, ତୃତୀୟ, ଗୁଡଲା ଭେଣକାତରଣ ଚତୁର୍ଥ ଓ ଡ଼ଃ ବାବୁରାମ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସ୍ଥାନୀୟଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟପଡ଼ିଆ ଠାରେ ଆଜିଠାରୁ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

